ସ୍ୱାଗତଂ ଓଡ଼ିଶା
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର
Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୧୭ | ବୁଧବାର | ୯ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-17 | Wednesday | 9 April 2025 | Bhubaneswar | Pages-8 | Rs. 2.00

## ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ବେଳେ ୧୩ଟି ଏମ୍‌ଓୟୁ ସ୍ୱାକ୍ଷରିତ, ୧୫ଟି ନିବେଶ ପ୍ରସ୍ତାବ




**ନୂଆଦିଲ୍ଲୀ /ଭୁବନେଶ୍ୱର, ୮।୪ (ହି.ସ.):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆ ଦିଲ୍ଲୀରେ ଇନ୍‌ଭେଷ୍ଟରସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହିତ ଆଲୋଚନା କରିବା ସହିତ ଓଡିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି । ତାଜ୍ ପ୍ୟାଲେସ୍ ଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୧୫ଟି ନିବେଶ ପ୍ରସ୍ତାବ ଆସିଛି । ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡିଶାକୁ ୯୮,୮୮୦ କୋଟି ଟଙ୍କାର ପୁଞ୍ଜି ଆସିବା ସହିତ ୬୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ସହିତ ୧୫ଟି ନିବେଶ ପ୍ରସ୍ତାବ ମଧ୍ୟ ଆସିଛି। ଏହାଦ୍ୱାରା ସମୁଦାୟ ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି । ଏହି ଚୁକ୍ତିନାମା ଗୁଡିକ ମଧ୍ୟରେ ଆଇ.ଓ.ସି.ଏଲ୍ ସହିତ ଚୁକ୍ତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଏକ ଡୁଆଲ୍-ଫିଡ୍ ନାଫ୍‌ଥା କ୍ରାକର ପ୍ରକଳ୍ପ କରିବା ପାଇଁ ଏହି ଚୁକ୍ତି କରାଯାଇଛି । ଏହାଦ୍ୱାରା ଆଇ.ଓ.ସି.ଏଲ୍ ଓଡିଶାରେ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଏବଂ ୨୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଆଉ ଦୁଇଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଗୋଟିଏ ଚୁକ୍ତିନାମା ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିଅମ୍ ରିଜଭରସ ଲିମିଟେଡ୍ ସହିତ ହୋଇଥିବା ବେଳେ ଅନ୍ୟ ଚୁକ୍ତିନାମାଟି ପେଟ୍ରୋନେଟ୍ ଏଲ୍.ଏନ୍.ଜି ସହିତ କରାଯାଇଛି। ପେଟ୍ରୋକେମିକାଲ କ୍ଷେତ୍ରରେ ଏହି ଚୁକ୍ତିନାମା ଗୁଡିକ ଓଡିଶାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବ ଏବଂ ଏକ ସୁଦୃଢ ସପ୍ଲାଇ ଚେନ୍ ମଧ୍ୟ ପ୍ରତିଷ୍ଠା କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। *ପୃଷ୍ଠା ୭ ଦେଖନ୍ତୁ...*

## ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ



**ନୂଆଦିଲ୍ଲୀ ୮।୪ (ପିଆଇବି):** ମଙ୍ଗଳବାର ଦିନ ନୂଆଦିଲ୍ଲୀସ୍ଥିତ ଲୋକ କଲ୍ୟାଣ ମାର୍ଗରେ ମୁଦ୍ରା ଯୋଜନାର ଦଶବର୍ଷ ପୂର୍ତି ଉପଲକ୍ଷେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ କଥା ହୋଇଛନ୍ତି । ଉପସ୍ଥିତ ହିତାଧିକାରୀମାନଙ୍କ ସହ ମନଖୋଲା କଥା ହୋଇ ନିଜ ଅନୁଭୂତି ବାଣ୍ଟିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ପୋଷା ଜନ୍ତୁଙ୍କ ଖାଦ୍ୟ ଓ ଔଷଧ ଯୋଗାଇ ସଫଳ ଉଦ୍ୟୋଗୀ ହୋଇପାରିଥିବା ଜଣେ ହିତାଧିକାରୀ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ । କଠିନ ସମୟରେ ଆତ୍ମ ବିଶ୍ୱାସ ହିଁ ସଫଳତାର ଚାବିକାଠି ବୋଲି ସମ୍ପୃକ୍ତ ହିତାଧିକାରୀ ମତପ୍ରକାଶ କରିଥିଲେ । ଏହା ପରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଋଣ ଦେଇଥିବା ବ୍ୟାଙ୍କ ଅଧିକାରୀଙ୍କୁ ଡାକିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଓ ଋଣ ଯୋଗୁଁ ଏଯାବତ ହୋଇଥିବା ଅଗ୍ରଗତି ସମ୍ପର୍କରେ ସୂଚିତ କରିବା ପାଇଁ କହିଥିଲେ । ବିକାଶ ଓ ସଫଳତା ପାଇଁ କରାଯାଇଥିବା ସହଯୋଗ ହିତାଧିକାରୀମାନଙ୍କ ମନରେ ଉତ୍ସାହ ଭରି ଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଗୋପୀ କ୍ରିଷ୍ଣା ନାମକ କେରଳରୁ ଆସିଥିବା ଜଣେ ହିତାଧିକାରୀଙ୍କ ସହ ଆଲୋଚନା କରି ମୁଦ୍ରା ଯୋଜନାର ରୂପାନ୍ତରିତ ପ୍ରଭାବ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଉଭୟ ଘର ଓ ଅଫିସରେ ପରିବର୍ତ୍ତନଶୀଳ ଉର୍ଜା ବ୍ୟବହାର ଓ ନୂତନ ନିଯୁକ୍ତି ସୁଯୋଗ ଉପରେ ପ୍ରଧାନମନ୍ତ୍ରୀ ଫୋକସ କରିଥିଲେ। ମୁଦ୍ରା ଯୋଜନା ସମ୍ପର୍କରେ ଅବଗତ ହୋଇ ହିତାଧିକାରୀ ଦୁବାଇ କମ୍ପାନୀ ଛାଡିଥିବା ପ୍ରଧାନମନ୍ତ୍ରୀ କହିଥିଲେ । ଦୁଇ ଦିନ ଭିତରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ସେହି ହିତାଧିକାରୀଙ୍କ ଘରେ ପ୍ୟାନେଲ ସଂସ୍ଥାପନ ହେବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। କେରଳରେ ପ୍ରବଳ ବର୍ଷା ଓ ଘଞ୍ଚ ଜଙ୍ଗଲ ରହିଥିବା ସତ୍ତ୍ୱେ ଏହି ଯୋଜନା ଅଧୀନରେ ମାଗଣାରେ ବିଜୁଳି ପାଇବା କଥା ସେ କହିଥିଲେ । ତେବେ ହିତାଧିକାରୀ ଜଣକ ବିଜୁଳି ବାବଦକୁ ଆଗରୁ ତିନି ହଜାର ଟଙ୍କା ଦେଉଥିବା ବେଳେ ଏବେ ମାତ୍ର ୨୪୦/୨୫୦ ଟଙ୍କା ଦେଉଥିବା ବେଳେ ତାଙ୍କ ମାସିକ ରୋଜଗାର ଏବେ ୨.୫ ଲକ୍ଷ ଉପରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ପରେ ଛତିଶଗଡ ରାଇପୁରର ପୁଚକା ଘର ତିଆରି କରିଥିବା ଜଣେ ସଫଳ ମହିଳା ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ । ଘରେ ରାନ୍ଧିବା କାମ ଛାଡି ସଫଳ କାଫେ ବ୍ୟବସାୟ ଆରମ୍ଭ କରିଥିବା ସମ୍ପୃକ୍ତ ମହିଳା ହିତାଧିକାରୀ ନିଜ ଜୀବନାଭୂତି ସମ୍ପର୍କରେ ଅବତାରଣା କରିଥିଲେ । ପ୍ରଫିଟ ମାର୍ଜିନ ଓ ଖାଦ୍ୟ ଖର୍ଚ୍ଚକାଟ ଉପରେ ଗବେଷଣା କରି ସଫଳତା ପାଇଥିବା ମହିଳା ହିତାଧିକାରୀ ଜଣକ କହିଥିଲେ । ରିସ୍କ ନେବା ଅପେକ୍ଷା ଚାକିରି କରିବାକୁ ଅନେକ ଯୁବକ ଇଚ୍ଛା ପ୍ରକାଶ କରୁଥିବା ସେ କହିଥିଲେ । ତେବେ ରିସ୍କ ନେବା ଉପରେ ବେଶୀ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୨୩ ବର୍ଷ ବୟସରେ ପୁଚକା ଘରର ପ୍ରତିଷ୍ଠାତା ରିସ୍କ ନେଇ ନିଜ ବ୍ୟବସାୟ ଆରମ୍ଭ କରିପାରିଛନ୍ତି। ରାଇପୁରରୁ ଆସିଥିବା ବନ୍ଧୁ, କର୍ପୋରେଟ ଜଗତ, ଛାତ୍ରମାନଙ୍କ ସହ ପ୍ରଧାନମନ୍ତ୍ରୀ ହିତାଧିକାରୀ ଜଣକ ନିଜ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସରକାରୀ ସ୍କିମ ସମ୍ପର୍କରେ ବହୁ ଲୋକଙ୍କର କିଛି ବି ଧାରଣା ନଥିବା ମହିଳା ହିତାଧିକାରୀ ଜଣକ ଆଲୋକପାତ କରିଥିଲେ । ମୁଦ୍ରା ଯୋଜନା ଓ ପିଏମଇଜିପି ଋଣ ଦ୍ୱାରା ଜଣେ ଭଲ ରୋଜଗାର କରିପାରି ଆତ୍ମ ନିର୍ଭର ହୋଇପାରିବ ବୋଲି ସମ୍ପୃକ୍ତ ହିତାଧିକାରୀ ଜଣକ ନିଜସ୍ୱ ମତ ରଖିଥିଲେ। *ପୃଷ୍ଠା ୭ ଦେଖନ୍ତୁ...*

## ସାରା ଦେଶରେ କାର୍ଯ୍ୟକାରୀ ହେଲା ୱାକଫ୍ ସଂଶୋଧନ ଆଇନ




**ନୂଆଦିଲ୍ଲୀ, ୮।୪ (ହି.ସ):** ଆଜିଠାରୁ ସାରା ଦେଶରେ ୱାକଫ ସଂଶୋଧନ ଆଇନ କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରିଛନ୍ତି ଯେ ୱାକଫ୍ ଆଇନ ୮ ଏପ୍ରିଲରୁ କାର୍ଯ୍ୟକାରୀ ହୋଇଛି। ଗତ ସପ୍ତାହରେ, ସଂସଦ ଏବଂ ରାଷ୍ଟ୍ରପତି ୱାକଫ୍ ସଂଶୋଧନ ଆଇନକୁ ମଞ୍ଜୁରୀ ଦେଇଛନ୍ତି। ଏହା ପରେ ନୂତନ ଆଇନ କେବେ କାର୍ଯ୍ୟକାରୀ ହେବ ତାହା ସ୍ଥିର ହୋଇନଥିଲା। ମଙ୍ଗଳବାର ଦିନ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ ୱାକଫ ସଂଶୋଧନ ଆଇନ ଏପ୍ରିଲ ୮ ତାରିଖରୁ କାର୍ଯ୍ୟକାରୀ ହେଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ ୫ ତାରିଖରେ ୱାକଫ ସଂଶୋଧନ ଆଇନକୁ ଅନୁମୋଦନ କରିଥିଲେ। ବଜେଟ ଅଧିବେଶନ ସମୟରେ ଏହାକୁ ସଂସଦରେ ଗୃହୀତ କରାଯାଇଥିଲା। ଆଇନ ମନ୍ତ୍ରଣାଳୟର ବିଜ୍ଞପ୍ତିରେ କୁହାଯାଇଛି ଯେ ରାଷ୍ଟ୍ରପତି ଉଭୟ ବିଲ୍‌କୁ ଅନୁମୋଦନ କରିଛନ୍ତି। ଏପ୍ରିଲ ୪ ତାରିଖରେ ରାଜ୍ୟସଭା ୱାକଫ ବିଲ୍ ସପକ୍ଷରେ ୧୨୮ ଏବଂ ବିପକ୍ଷରେ ୯୫ ଭୋଟ ପାଇ ପାରିତ ହୋଇଥିଲା, ଯେତେବେଳେ ଲୋକସଭା ଦୀର୍ଘ ବିତର୍କ ପରେ ଏପ୍ରିଲ ୩ ତାରିଖରେ ବିଲକୁ ଅନୁମୋଦନ କରିଥିଲା। ଏଠାରେ ୨୮୮ ଜଣ ସାଂସଦ ଏହାର ସପକ୍ଷରେ ଭୋଟ ଦେଇଥିଲେ ଏବଂ ୨୩୨ ଜଣ ବିପକ୍ଷରେ ଭୋଟ ଦେଇଥିଲେ। ୱାକଫ ଆଇନ ବିରୋଧରେ ସୁପ୍ରିମକୋର୍ଟରେ ମୋଟ ୧୦ରୁ ଅଧିକ ଆବେଦନ ଦାଖଲ ହୋଇଛି, ଯେଉଁଥିରେ ରାଜନେତା, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ ବୋର୍ଡ ଏବଂ ଜମିଅତ ଉଲାମା-ଏ-ହିନ୍ଦଙ୍କ ଆବେଦନ ଅନ୍ତର୍ଭୁକ୍ତ। ଏହି ଆବେଦନଗୁଡ଼ିକରେ, ନୂତନ ଭାବରେ ପ୍ରସ୍ତୁତ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି। ଏହାକୁ ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏକ କାଭେଟ ପିଟିସନ୍ ଦାଖଲ କରିଛନ୍ତି।

## ପୁଣି ଟ୍ରେନ୍ ଦୁର୍ଘଟଣା: ଦୁଇ ଫାଳ ହୋଇଗଲା ଫାଲକନମା ଏକ୍ସପ୍ରେସ

**ବିଶାଖାପାଟଣା, ୮।୪ (ହି.ସ.):** ପୁଣି ଏକ ଟ୍ରେନ୍ ଦୁର୍ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ପାଲାସା ସୁମାଦେବୀ ନିକଟରେ ବିଶାଖାପାଟଣା ଦେଇ ସାଲିମର ଯାଉଥିବା ଫାଲକନମା ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନର ଦୁଇଟି ବଗି ଅଲଗା ହୋଇଯାଇଛି। ଫଳରେ ଯାତ୍ରୀମାନେ ଦୁଇ ଘଣ୍ଟାରୁ ଅଧିକ ସମୟ ଫସି ରହିଥିଲେ। ଦୁର୍ଘଟଣା ପରେ ହାଓ୍ୱଡ଼ା ଯାଉଥିବା ଟ୍ରେନ୍‌କୁ ଅଟକାଇ ଦିଆଯାଇଥିଲା। ଟେକ୍ନିସିଆନଙ୍କ ସହିତ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କୋଚଗୁଡ଼ିକୁ ସଂଯୋଗ କରିଥିଲେ। ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳରେ ଗଡ଼ିଥିଲା। ଯାତ୍ରୀମାନେ ପ୍ରଥମେ ଟ୍ରେନଟି ଲାଇନଚ୍ୟୁତ ହୋଇଥିବାର ଆଶଙ୍କା କରି ଭୟଭୀତ ହୋଇଯାଇଥିଲେ। ପରେ ଟ୍ରେନ୍‌ର ଦୁଇଟି କୋଚ୍ ଅଲଗା ହୋଇଯାଇଥିବା ଜଣାପଡିଥିଲା।

## ଦୁବାଇର କ୍ରାଉନ ପ୍ରିନ୍ସ, ୟୁଏଇର ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୮।୪ (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁବାଇର କ୍ରାଉନ ପ୍ରିନ୍ସ, ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକ୍ତୁମଙ୍କୁ ସ୍ୱାଗତ କରିଥିଲେ। ଗତବର୍ଷ ଦୁବାଇରେ ଅନୁଷ୍ଠିତ ୱାର୍ଲଡ୍ ଗଭର୍ଣ୍ଣମେଣ୍ଟ ସମିଟରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୟୁଏଇ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ୟୁଏଇର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କୁ ତାଙ୍କର ଅଭିନନ୍ଦନ ଜଣାଇଥିଲେ। ମହାମହିମ ମହମ୍ମଦ ବିନ୍ ରସିଦ ଅଲ୍ ମକତୁମ୍, ଉପରାଷ୍ଟ୍ରପତି, ୟୁଏଇର ପ୍ରଧାନମନ୍ତ୍ରୀ ଏବଂ ଦୁବାଇର ଶାସକ ଅଟନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ଗସ୍ତ ଭାରତ ଏବଂ ୟୁଏଇ ମଧ୍ୟରେ ସୁଦୃଢ଼ ଏବଂ ଐତିହାସିକ ସମ୍ପର୍କରେ ପରମ୍ପରାଗତ ନିରନ୍ତରତାକୁ ସୂଚାଇଥାଏ ଏବଂ ପାରସ୍ପରିକ ବିଶ୍ୱାସ ତଥା ଭବିଷ୍ୟତ ପାଇଁ ଏକ ଅଂଶୀଦାର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲା। ବିଶେଷକରି ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, କ୍ରୀଡ଼ା ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଭାରତ-ୟୁଏଇ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଉପରେ ସେମାନେ ଆଲୋଚନା କରିଥିଲେ। ୟୁଏଇରେ ରହୁଥିବା ପ୍ରାୟ ୪.୩ ନିୟୁତ ଭାରତୀୟଙ୍କ କଲ୍ୟାଣ ସୁନିଶ୍ଚିତ କରିଥିବାରୁ ପ୍ରଧାନମନ୍ତ୍ରୀ ୟୁଏଇର ନେତୃତ୍ୱଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଦୁଇ ଦେଶ ମଧ୍ୟରେ ଜୀବନ୍ତ ସମ୍ପର୍କରେ ସେମାନଙ୍କ ଗୁରୁତ୍ୱକୁ ସ୍ୱୀକାର କରିଥିଲେ ।

## ନେତୃତ୍ୱ ପରିବର୍ତ୍ତନ ଦ୍ୱାରା ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନ ଗୁଡିକର ପୁନର୍ଗଠନ



**ଭୁବନେଶ୍ୱର, ୮।୪ (ଡିକେ ନ୍ୟୁଜ୍):** ଉପ- ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀଭିତିକ ଅନୁଷ୍ଠାନଗୁଡିକର ପୁନର୍ଗଠନ କରିବା ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗଙ୍କ ପ୍ରଦତ ନିର୍ଦ୍ଦେଶାବଳୀ ଅନୁଯାୟୀ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାରେ ସମନ୍ୱୟ ରକ୍ଷା କରାଯାଇ ନୂତନ ମାର୍ଗଦର୍ଶିକା ପ୍ରଣୟନ କରାଯାଇଅଛି। ଏଥିପାଇଁ ଏହି ଗୋଷ୍ଠୀଭିତ୍ତିକ ଅନୁଷ୍ଠାନମାନଙ୍କରେ ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିରେ ନେତୃତ୍ୱ ପରିବର୍ତନର ଆବଶ୍ୟକତାକୁ ପୂରଣ କରାଯାଉଛି। ଏହାଦ୍ୱାରା ରାଜ୍ୟରେ ଏସ.ଏଚ.ଜି ମହିଳାମାନେ ସେମାନଙ୍କ ଅନୁଷ୍ଠାନରେ ନେତୃତ୍ୱ ପରିବର୍ତନ ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ନିଜର ଦକ୍ଷତା ମାଧ୍ୟମରେ ନେତୃତ୍ୱ ହାସଲ କରିବାର ସୁଯୋଗ ପାଇ ପାରିବେ। ଏହି ପଦକ୍ଷେପ ଏସ.ଏଚ.ଜି ମା 'ମାନଙ୍କର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସେମାନଙ୍କର ଆତ୍ମବିଶ୍ୱାସର ବୃଦ୍ଧି କରାଇବ। ଏହି ପରିବର୍ତ୍ତନ, ଗୋଷ୍ଠୀର ସମସ୍ତ ସଦସ୍ୟା ମାନଙ୍କୁ ସଶକ୍ତିକରଣ ପ୍ରକ୍ରିୟାରେ ସମାନ ଭାଗୀଦାର ବୃଦ୍ଧି ଗୋଷ୍ଠୀ ଗୁଡିକ ଅଧିକ ସକ୍ରିୟ ହେବାରେ ସହାୟକ ହେବ। ଏଥିସହିତ ସହରାଞ୍ଚଳ ଏସଏଚଜି ଓ ଏହାର ମହାସଂଘମାନଙ୍କର ସୁଦୃଢ଼ୀକରଣ ତଥା ତ୍ୱରିତ ବିକାଶ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାରଙ୍କର ଜାତୀୟ ସହରାଞ୍ଚଳ ଜୀବିକା ମିଶନ ରୁ ବାଦପଡିଥିବା ସହରାଞ୍ଚଳ ଏସଏଚଜି ମାନଙ୍କୁ ଅତିଶୀଘ୍ର ଅନ୍ତର୍ଭୁକ୍ତି କରାଇବା ସହିତ ସେମାନଙ୍କର ବିଭିନ୍ନ ମହାସଂଘ ଗୁଡିକର ଗଠନ ଓ ପୁନର୍ଗଠନ ପାଇଁ *ପୃଷ୍ଠା ୭ ଦେଖନ୍ତୁ...*

## ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ

**ଭୁବନେଶ୍ୱର, ୮।୪ (ଡିକେ ନ୍ୟୁଜ୍):** ଆଗାମୀ ମେ' ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ। ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତମାନ ମେଟ୍ରିକ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଚାଲିଛି । ଆଉ ଦୁଇ ଦିନ ମଧ୍ୟରେ ଖାତା ଦେଖା ସରିବ। ମେ' ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ। ତେବେ ମେ' ମାସର କେଉଁ ତାରିଖରେ ପରୀକ୍ଷା ଫଳ ପାଇବ ସେ ନେଇ ବୋର୍ଡ ସଭାପତି ସ୍ପଷ୍ଟ କରିନାହାନ୍ତି ।ବୋର୍ଡ ସଭାପତି ଆହୁରି କହିଛନ୍ତି, ଏଆଉ ଏବଂ କ୍ୟୁଆର କୋର୍ଡ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଛି। ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ୍ ନେଇ କିଛି ଅସୁବିଧା ହେବନାହିଁ। ଗ୍ରେସ୍ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ସେ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ରାଜ୍ୟରେ ଫେବ୍ରୁଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ରାଜ୍ୟରେ ହୋଇଥିବା ୩ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କପି ରୋକିବା ପାଇଁ ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିଲା ।

## ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଚିତ୍ରାଳୟରେ ବେଶଧାରୀଙ୍କ ଭିଡ଼



**ବ୍ରହ୍ମପୁର, ୮।୪ (ଡିକେ ନ୍ୟୁଜ୍):** ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଯୋଗୁଁ ଚଳଚଞ୍ଚଳ ହୋଇଛି ଧୂମେଇ ଯାଇଥିବା ଚିତ୍ରାଳୟ ସଂସ୍ଥା ଏବେ ପ୍ରତିଦିନ ସହରର ବିଭିନ୍ନ ଚିତ୍ରାଳୟରେ ଭିଡ଼ ଜମୁଛି । ମାନସିକଧାରୀମାନେ ବିଭିନ୍ନ ବେଶରେ ସଜେଇ ହୋଇ ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ ନିମନ୍ତେ ଯାଉଛନ୍ତି । ଏଥିପାଇଁ ଦିନ ତମାମ୍ ଚିତ୍ରାଳୟ ଗୁଡ଼ିକ ଚଳଚଳଞ୍ଚ ରହୁଥିବା ଦେଖିବାକୁ ମିଳିଛି। ବୁଢ଼ୀ ଠାକୁରାଣୀ ଯାତ୍ରା ଚିତ୍ରାଳୟ ଓ ଚିତ୍ରକରଙ୍କ ଆଶା ଉଜ୍ଜୀବିତ କରୁଛି ଓ ଚିତ୍ରାଳୟ ପକ୍ଷରୁ ବେଶ ପୋଷାକ ଓ ଅଳଙ୍କାର ଆଦି ଭଡ଼ାରେ ଦିଆଯିବା ସହ ବେଶ ପକାଇ ଦୁଇ ପଇସା ରୋଜଗାର କରି ପାରୁଛନ୍ତି। ବିଭିନ୍ନ ବେଶପାଇଁ ଭିନ୍ନ ଭିନ୍ନ ଦର ରହିଛି । ଠାକୁରାଣୀ ଯାତ୍ରା ପାଇଁ ଚିତ୍ରାଳୟରେ ସ୍ୱତନ୍ତ୍ର ଦର ଧାର୍ଯ୍ୟ ହୋଇଥିବା ଦୋକାନୀ କହିଛନ୍ତି। ତେବେ ଚଳିତବର୍ଷ ମାନସିକଧାରୀମାନେ ବିଶେଷ କରି ରାଧା, କୃଷ୍ଣ, ରାମ, ବଳରାମ, ହନୁମାନ, କାଳିମାତା, ଋଷି, ବାଘ ସମେତ ବିଭିନ୍ନ ଦେବାଦେବୀଙ୍କ ବେଶ ଧାରଣ କରୁଛନ୍ତି। ସହରର ସୁବାରାଓ ଛକ, ଗୋଷାଣୀନୂଆଗାଁ, ବଡ଼ ବଜାର, ସାନ ବଜାର, ପୁରୁଣା ବ୍ରହ୍ମପୁର ଆଦି ଅଞ୍ଚଳରେ ଥିବା ଚିତ୍ରାଳୟ ସଂସ୍ଥା ଓ ଦୋକାନ ଗୁଡ଼ିକରେ ପ୍ରତିଦିନ ସମୁଦାୟ ବହୁ ମାନସିକଧାରୀ ବେଶ ଧାରଣ କରି ମା'ଙ୍କ ଦର୍ଶନ ନିମନ୍ତେ ଯାଉଛନ୍ତି।

## ସ୍ପଷ୍ଟ ଚିହ୍ନିତ ହେଲା ଲଘୁଚାପ କ୍ଷେତ୍ର : ଆଗାମୀ ୩ ଦିନ ଯାଏଁ ବିଜୁଳି-ଘଡଘଡି ସହ ବର୍ଷା



**ଭୁବନେଶ୍ୱର, ୮।୪ (ଡିକେ ନ୍ୟୁଜ୍):** ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଛି ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପ। ଗତକାଲିର ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ଆଜି ଦକ୍ଷିଣପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଆଗାମୀ ୨୪ ଘଣ୍ଟା ଯାଏଁ ନିଜର ତୀବ୍ରତା ବଜାୟ ରଖିବା ସହ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଉତ୍ତର ଉତ୍ତରପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର ଉତ୍ତରପୂର୍ବ ଦିଗରେ ଗତିକରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଆଗାମୀ ୩ ଦିନ ଯାଏଁ ବର୍ଷା ଘଡଘଡି ବିଜୁଳି ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ବାଦଲମୟ ଆକାଶ ପାଇଁ ଖରାର ପ୍ରକୋପ ଟିକେ କମ୍ ରହିଛି। ଆଜି ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ କେଉଁଝର ଜିଲ୍ଲାର ବିଚ୍ଛିନ୍ନ ଅଞ୍ଚଳରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼ ଅନୁଗୁଳ ରାୟଗଡ଼ା ଢେଙ୍କାନାଳ କୋରାପୁଟ ଜିଲ୍ଲା ମାନଙ୍କରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଲଘୁଚାପ ଦକ୍ଷିଣ ପଶ୍ଚିମ ଦିଗରେ ଗତି କରି ୯ ତାରିଖ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିବ। ଏହା ଉତ୍ତର ଦିଗକୁ ଗତି କରି ୧୦ରେ ଓଡ଼ିଶା ଉପକୂଳଠାରୁ ଦୂରରେ ସମୁଦ୍ରରେ ରହିବ। ୯ ଓ ୧୦ ତାରିଖରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପର ପ୍ରଭାବ ସିଧା ଓଡ଼ିଶା ଉପରେ ପଡ଼ିବ ନାହିଁ; କିନ୍ତୁ ଏହା ଦ୍ୱାରା ରାଜ୍ୟକୁ ସାମୁଦ୍ରିକ ପବନ ବହିବ ଓ ଏହା ପଶ୍ଚିମା ବାୟୁ ସହିତ ମିଶିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାମାନଙ୍କରେ ମଝିରେ ମଝିରେ କାଳବୈଶାଖୀ ଜନିତ ବର୍ଷା ହେବ। ୧୦ ତାରିଖରେ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା, ୧୩ ତାରିଖରୁ ୧୫ ତାରିଖ ମଧ୍ୟରେ ଉତ୍ତର-ଉପକୂଳ ଓ ସଂଲଗ୍ନ ଯାଜପୁର, କେନ୍ଦୁଝର, ମୟୂରଭଞ୍ଜରେ ସ୍ୱଳ୍ପ ଓ କେତେକ ସ୍ଥାନରେ ମଧ୍ୟମ ବର୍ଷା, ୧୬ ଓ ୧୭ରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜରେ ଅପେକ୍ଷାକୃତ ଅଧିକ ବର୍ଷା ହେବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣରେ କାଁ ଭାଁ ବର୍ଷା ହୋଇପାରେ। ୯ରେ ତାପମାତ୍ରା ୧ ଡିଗ୍ରୀରୁ ୨ ଡିଗ୍ରୀ ଅନେକ ସ୍ଥାନରେ ବଢ଼ି ୧୦ରେ ଅଳ୍ପ କେତେକ ସ୍ଥାନରେ କମିବ। ବଲାଙ୍ଗିର, କଳାହାଣ୍ଡି, ସୋନପୁର ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ। ତେବେ ୧୪ରୁ ସାରା ରାଜ୍ୟରେ ତାପମାତ୍ରା କମିପାରେ। ସୁନ୍ଦରଗଡ଼ ସମେତ ଉତ୍ତର ପଶ୍ଚିମ ଓଡ଼ିଶାରେ ସବୁଠାରୁ ଅଧିକ କମିବ। ଉପକୂଳରେ ଗୁଳୁଗୁଳି ବଢ଼ିବା ସହ ୧୩ ଓ ୧୪ରେ ଉତ୍ତର ଉପକୂଳ ଓ ସଂଲଗ୍ନ ଅଞ୍ଚଳର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ପଡ଼ିପାରେ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।